



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

4th Birthday Wish



ପ୍ରଜ୍ଞା ପ୍ରିୟଦର୍ଶିନୀ ମହାପାତ୍ର (ଭୂମି)
ଖୋର୍ଦ୍ଧା
ଆଜି ତୋର ଚତୁର୍ଥ ଜନ୍ମଦିନରେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା, ପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ, ନୀରୋଗ ରଖନ୍ତୁ ଏବଂ ତୋର ଚଲାପଥରେ ପୁଷ୍ପ ବୃଷ୍ଟି କରନ୍ତୁ।
ଶୁଭେଚ୍ଛା ସହ
Loving Father, Sweet Mama & all relatives.
ଧ-୧୫୭୮୦



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

■ ଉପଖଣ୍ଡସ୍ତରୀୟ ଚଇତି ମହୋତ୍ସବ ଉଦ୍‌ଯାପିତ

# ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି 'ଇଡିତାଲ'

ଗୁଣପୁର,୨୨।୧୨(ଡି.ଏନ୍.ଏ.)

ଗୁଣପୁର ଉପଖଣ୍ଡସ୍ତରୀୟ ଚଇତି ମହୋତ୍ସବ 'ଇଡିତାଲ' ଖୁବ ଲୋକପ୍ରିୟ ହୋଇଛି। ଜିଲାରେ ଏହା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ଚଇତି ମହୋତ୍ସବର ଉଦ୍‌ଯାପନୀ ଦିବସରେ ଅତିଥିମାନେ କହିଛନ୍ତି। ୩ଦିନ ଧରି ଚାଲିଥିବା ଏହି ମହୋତ୍ସବର ଉଦ୍‌ଯାପନୀ ଦିବସରେ ଗୁଣପୁର ଉପଜିଲାପାଳ ତଥା ଚଇତି ପାଳନ କମିଟି ସଭାପତି ଡ. ସିଦ୍ଧେଶ୍ୱର ବଳିରାମ ବନ୍ଦର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ, ସମ୍ମାନିତ ଅତିଥିଭାବେ ବିଧାୟକ ରଘୁନାଥ ଗମାଙ୍ଗ, ଗୁଣପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ ଏବଂ ରାୟଗଡା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଲିଉଡ କଳାକାର ମନୋଜ ମିଶ୍ର, ସୁରମୟୀ ପ୍ରମୁଖଙ୍କ ସମେତ ଜିଲା ଏବଂ ଜିଲା ବାହାରୁ ଆସିଥିବା କଳାକାରମାନେ ନୃତ୍ୟ, ସଙ୍ଗୀତ ଆଦି ପରିବେଷଣ କରିଥିଲେ। ସେହିପରି ସକାଳେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ପାଦଚଲା ପ୍ରତିଯୋଗିତା, ଆଦିବାସୀ ଚିତ୍ରକଳା ଏବଂ ଅପରାହ୍ଣରେ ସାହିତ୍ୟ ସଭା ଅନୁଷ୍ଠିତ ହୋଇଥିଲା।

## ଜେଜେମା' ଜେଜେବାପା ସମ୍ମିଳନୀ



ଗୁଡାରୀ, ୨୨।୧୨ (ଡି.ଏନ୍.ଏ.)

ଗୁଡାରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ବନବିହାର ସହିତ ଜେଜେମା' ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ପିଲାମାନଙ୍କ ଜେଜେମା' ଜେଜେବାପାଙ୍କୁ ସ୍ୱାଗତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଲକ୍ଷ୍ୟ ଭେଦ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ତହସିଲଦାର ଭାରତୀ ଦେବୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଥାନାଧିକାରୀ ସୁଶାନ୍ତ କୁମାର ତାଉଡିଆ, ସିଆର୍‌ପିଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରଣବୀର ସିଂ ଯୋଗ ଦେଇଥିଲେ। ଗୁରୁଜନମାନଙ୍କ ସହ ଉତ୍ତମ ବ୍ୟବହାର କରିବାକୁ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଜ୍ଞାନ ମେଳାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ ସାହୁ ଯୌଥ ପରିବାରର ଆବଶ୍ୟକତା ଏବଂ ଶିଶୁମାନେ ବର୍ତ୍ତମାନଠାରୁ କିପରି ଶିକ୍ଷା ଲାଭ କରିବେ ସେ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଜେଜେମା' ଜେଜେବାପାଙ୍କ ଶିକ୍ଷା ପିଲାମାନଙ୍କର ରକ୍ଷାକବଚ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମ ପରେ ବନବିହାର ଅବସରରେ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଶିଶୁ ମନ୍ଦିରର ସମ୍ପାଦକ ବିଷ୍ଣୁ ପ୍ରସାଦ ଦେଓ ଏବଂ ସଭାପତି ମମତା ଚଲାଣଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ଓ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଚଇତି କ୍ରୀଡ଼ା ମହୋତ୍ସବ କବାଡି ଖେଳ

# ବାଳକରେ କୋତାପେଟା, ବାଳିକାରେ ଡିଓପୁର ବିଜୟୀ

ରାୟଗଡ଼ା ଅଫିସ, ୨୨।୧୨

ଚଇତି କ୍ରୀଡ଼ା ମହୋତ୍ସବରେ ଚାଲିଥିବା କବାଡି ପ୍ରତିଯୋଗିତାର ବାଳକ ବିଭାଗରେ କୋତାପେଟା ଓ ବାଳିକା ବିଭାଗରେ ଡିଓପୁର ଦଳ ଚାମ୍ପିୟନ ହୋଇଛନ୍ତି। ବାଳକ ବିଭାଗ ଫାଇନାଲ ମ୍ୟାଚରେ କୋତାପେଟା ଦଳ ବିଗ୍ନନକୁ ଭେଟିଥିଲା। ବିଗ୍ନନ ଦଳ ୨୫ ପଏଣ୍ଟ କରିଥିବାବେଳେ କୋତାପେଟା ୨୭ ପଏଣ୍ଟ କରି ବିଜୟୀ ହୋଇଥିଲା। ସେହିପରି ବାଳିକା ବିଭାଗ ଫାଇନାଲ ମ୍ୟାଚ ଡ଼ିଓପୁର ଏବଂ ପୁଜାରୀଗୁଡ଼ା ମଧ୍ୟରେ ଖେଳାଯାଇଥିଲା। ଡ଼ିଓପୁର ୨୧ ପଏଣ୍ଟ କରି ବିଜୟୀ ହୋଇଛି। ପ୍ରକାଶ ଯେ, ଶୁକ୍ରବାର ଆରମ୍ଭ ହୋଇଥିବା କବାଡ଼ି ପ୍ରତିଯୋଗିତାରେ ୨୦ଟି ଦଳ ଅଂଶଗ୍ରହଣ କରିଛନ୍ତି।

# ବିଏମ୍‌ଏସ୍ ପ୍ରତିଷ୍ଠାତାଙ୍କ ଜନ୍ମବାର୍ଷିକୀ





ମଞ୍ଚାସୀନ ଅତିଥିମାନେ।

ରାୟଗଡ଼ା ଅଫିସ, ୨୨।୧୨

ଭାରତୀୟ ମଜଦୁର ସଂଘ(ବିଏମ୍‌ଏସ୍) ପ୍ରତିଷ୍ଠାତା ଦତ୍ତୋପନ୍ତ ଠେଙ୍ଗଡ଼ୀଙ୍କ ଜନ୍ମବାର୍ଷିକୀ ସ୍ଥାନୀୟ ଲାୟନ୍ସ କ୍ଲବରେ ରବିବାର ପାଳିତ ହୋଇଛି। ଭାରତୀୟ ମଜଦୁର ସଂଘ ଦ୍ୱାରା ଆୟୋଜିତ ସମାରୋହରେ ସଂଘର ରାଜ୍ୟ ସଭାପତି ଦିଲ୍ଲୀପ କୁମାର ଦାସ, ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ଅତିଥିଭାବେ ଯୋଗଦେଇ ଦତ୍ତୋପନ୍ତ ଠେଙ୍ଗଡ଼ୀଙ୍କ ସ୍ମୃତିଚାରଣ କରିଥିଲେ। ସେ ବିଏମ୍‌ଏସ୍, ଭାରତୀୟ କିଶାନ ସଂଘ, ସାମାଜିକ ସମର ସତ୍ତା ମଞ୍ଚ, ସର୍ବପନ୍ଥ ସମାଦାର ମଞ୍ଚ, ସ୍ୱଦେଶୀ ଜାଗରଣ ମଞ୍ଚର ସମ୍ପାଦକ ଭାବେ ଦଳିତ, ନିଷ୍ପେଷିତ, ଦରିଦ୍ର ଶ୍ରେଣୀର ଶ୍ରମିକଙ୍କୁ ଏକତ୍ର କରି ଦେଶ ଗଠନରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ବୋଲି ଅତିଥିମାନେ କହିଛନ୍ତି। ଆଗାମୀ ଦିନରେ ପଞ୍ଚାୟତସ୍ତରରେ ସଙ୍ଗଠନକୁ ଅଧିକ ମଜଭୁତ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦକ ଖମ୍ବେଶ୍ୱର ସିଂଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିସ ୱାର୍କର୍ସ ଆସୋସିଏଶନ ଜିଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ, ଉଷାରାଣୀ ଦାସଙ୍କ ସହ ସଂଘର ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ରାଜ୍ୟସ୍ତରୀୟ ସର୍ଗିଫୁଲରେ ଚମକିଲେ ରାୟଗଡ଼ାର ପ୍ରତିଭା

## ଦଳଗତ ନୃତ୍ୟରେ ଭାକୁରୁଗୁଡ଼ା ଆଶ୍ରମ ବିଦ୍ୟାଳୟ ଚାମ୍ପିୟନ

ରାୟଗଡ଼ା ଅଫିସ, ୨୨।୧୨



ଭାକୁରୁଗୁଡ଼ା ଆଶ୍ରମ ବିଦ୍ୟାଳୟକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ସମୂହକୁ ନେଇ ଅନୁଷ୍ଠିତ ରାଜ୍ୟସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତାର ଦଳଗତ ନୃତ୍ୟ ବିଭାଗରେ ଭାକୁରୁଗୁଡ଼ା ଆଶ୍ରମ ବିଦ୍ୟାଳୟ ଚାମ୍ପିୟନ ହୋଇଛି। ସେମାନେ ଓଡ଼ିଶାର ବିଭିନ୍ନ ଜନଜାତିଙ୍କ ସଂସ୍କୃତି ଓ ଐତିହ୍ୟକୁ ନେଇ ଏକ ଫ୍ୟୁଜନ ନୃତ୍ୟ ଉପସ୍ଥାପନା କରିଥିଲେ। ପ୍ରଧାନଶିକ୍ଷକ ଗଗନ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ପିଲାମାନେ ଭୁବନେଶ୍ୱରରେ ନିଜ ନୃତ୍ୟ କଳା ଦେଖାଇଥିଲେ। ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ ଗୀତ ସଂଯୋଜନା କରିଥିବାବେଳେ ରାମବାବୁ ମିଣିଆକା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ଉନ୍ନୟନ କମିଶନର ସୁରେଶ ମହାପାତ୍ର, ବିଭାଗୀୟ ସଚିବ ରଞ୍ଜନ ଚୋପ୍ରା, ଅଖିଳ ବିହାରୀ ହୋତା, ବିଭାଗୀୟ ନିର୍ଦ୍ଦେଶକ ରାମଚନ୍ଦ୍ରନ ଯାଦବ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ସେମାନଙ୍କୁ ପୁରସ୍କୃତ କରିଥିଲେ।

## ଜାତୀୟ ଗଣିତ ଦିବସ

ଗୁଣପୁର,୨୨।୧୨(ଡି.ଏନ.ଏ)

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣିତର ଆବଶ୍ୟକତା ଉପରେ ଅତିଥିମାନେ କହିଥିଲେ। ପ୍ରଧାନଆଚାର୍ଯ୍ୟ ପ୍ରଫୁଲ୍ଲ ଶପତଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିଲାଗି ପ୍ରଥମରୁ ନବମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣିତ ପ୍ରକଳ୍ପ ଓ ଚାର୍ଟ ପ୍ରଦର୍ଶନ ସହ ପ୍ରତିଯୋଗିତା କରାଯାଇଥିଲା। ଭଲ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ, ସଦସ୍ୟା ଅମ୍ବିକାରାଣୀ ମହାପାତ୍ରପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆଚାର୍ଯ୍ୟ କରନ କଂସବେହେରା ଗଣିତଜ୍ଞ ରାମାନୁଜନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ସିଲେଇ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ଗୁଣପୁର,୨୨।୧୨(ଡି.ଏନ.ଏ)

ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ରାୟଗଡା ଜିଲା ଗୁଣପୁର ସହର ଶେଖର ନଗରରେ ଉତ୍କଳିକା ସିଲେଇ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ୨୫ଜଣ ଯୁବତୀଙ୍କୁ ନେଇ ଏକ ନିଃଶୁଳ୍କ ୯୦ ଦିନିଆ ତାଲିମ କାର୍ଯ୍ୟକ୍ରମ କରାଯିବ। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଏବିଇଓ ସୂର୍ଯ୍ୟନାରାୟଣ ରଥ ଯୋଗ ଦେଇଥିବାବେଳେ ଆଇଟିଡିଏ ଦ୍ୱାରା ପରିଚାଳିତ ଓଟିଇଏଲପିର ଜୀବିକା ସାମାଜିକ କାର୍ଯ୍ୟକର୍ତ୍ତା ଅକ୍ଷୟ ରଥ, କୃଷି ଅଧିଦର୍ଶକ ଶ୍ରୀନିବାସ ରାଓ, ଅବସରପ୍ରାପ୍ତ ଶିକ୍ଷକ ଏଲ୍.ସମେଶ୍ୱର ରାଓ, ସିଲେଇ ପ୍ରଶିକ୍ଷିକା ରଶ୍ମିତା ସାହୁ, ସହଯୋଗୀ ଅଭିମନ୍ୟୁ ପାତ୍ର, ନେହେରୁ ଯୁବ କେନ୍ଦ୍ରର ଲକ୍ଷ୍ମୀ ନାରାୟଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

■ ରାଷ୍ଟ୍ରୀୟ କଳାମଞ୍ଚର 'ପ୍ରତିଭା ସଙ୍ଗମ' କାର୍ଯ୍ୟକ୍ରମ

# ପ୍ରତିଭା ଦେଖାଇଲେ ୧୨୬ ଛାତ୍ରୀଛାତ୍ର

ରାୟଗଡ଼ା ଅଫିସ, ୨୨।୧୨–



ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ରାଷ୍ଟ୍ରୀୟ କଳାମଞ୍ଚ ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ମିଳିତ ସହାୟତାରେ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ସ୍ଥାନୀୟ ଗାୟତ୍ରୀନଗର ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଛି। ଏଥିରେ ୧୨୬ଜଣ କଲେଜ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ଗୀତ, ନୃତ୍ୟ, ରଙ୍ଗୋଲି, ଗ୍ରୁପ ଡ୍ୟାନ୍ସ, ଏକକ ଅଭିନୟ, ଚିତ୍ରାଙ୍କନ, କବିତା ଆଦି ପ୍ରତିଯୋଗିତା କରାଯାଇଥିଲା। ଜିଲାର ପରମ୍ପରା, ସଂସ୍କୃତି ଓ ଲୋକକଳାକୁ ଅନ୍ତର୍ଜାତୀୟସ୍ତରରେ ପରିଚୟ କରାଇବା ସହ ପିଲାଙ୍କ ପ୍ରତିଭା ବିକାଶ ଲକ୍ଷ୍ୟରେ କାର୍ଯ୍ୟକ୍ରମ କରାଯାଉଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଡ଼ିସେମ୍ବର ୨୬ରୁ ୩ଦିନ ଧରି ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ପାଇଁ ୨୧ଜଣ ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯାଇଛି।

# ଭଲିବଲରେ ଅମ୍ଲାଭଟାକୁ ହରାଇ ମାଲିଗାଁ ଚାମ୍ପିୟନ

ରାୟଗଡ଼ା ଅଫିସ ,୨୨।୧୨



ଫାଇନାଲ ମ୍ୟାଚର ଏକ ଦୃଶ୍ୟ।

ଚଇତି ଉପଲକ୍ଷେ ସ୍ଥାନୀୟ ଜିସିଡ଼ି ପଡ଼ିଆରେ ୨୦ ତାରିଖରୁ ଚାଲିଥିବା ଭଲିବଲ ପ୍ରତିଯୋଗିତାରେ ମାଲିଗାଁ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ମାଲିଗାଁ ଓ ଅମ୍ଲାଭଟା ପରସ୍ପରକୁ ଭେଟିଥିଲେ। ମ୍ୟାଚର ପ୍ରଥମ ସେଟରେ ମାଲିଗାଁ ୨୫–୧୭ରେ ଓ ଦ୍ୱିତୀୟ ସେଟରେ ୨୫–୨୦ରେ ଅମ୍ଲାଭଟାକୁ ପଛରେ ପକାଇ ଚାମ୍ପିୟନ ହୋଇଛି। ଏଥିରେ ୧୦ଟି ଦଳ ସାମିଲ ହୋଇଥିଲେ। ତେବେ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ ସେମିଫାଇନାଲ ମ୍ୟାଚରେ ସ୍କୋର ବୋର୍ଡ଼ରେ ତ୍ରୁଟି ନେଇ ଛାତ୍ରମାନଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଆପୋସ ବୁଝାମଣାରେ ଏହାର ସମାଧାନ କରାଯାଇଥିଲା।

■ଦକ୍ଷିଣ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା, ସହାୟିକା ମହାସଂଘ ବୈଠକ

# ବିଭିନ୍ନ ଦାବିରେ ୮ରେ ସଂଘର ଧର୍ମଘଟ

ଗୁଡାରୀ, ୨୨।୧୨(ଡି.ଏନ୍.ଏ.)





ଦକ୍ଷିଣ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକା ମହାସଂଘ ବୈଠକ ଚାଲିଛି।

ଗୁଡାରୀ ନୂତନ ବସଷ୍ଟାଣ୍ଡ ନିକଟରେ ଦକ୍ଷିଣ ଓଡ଼ିଶା ପାଚିକା ଓ ସହାୟିକା ମହାସଂଘ ପକ୍ଷରୁ ବ୍ଲକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏଆଇସିସିଟିୟୁ ଦ୍ୱାରା ପରିଚାଳିତ ଏହି ସମ୍ମିଳନୀ ଦ୍ରୌପଦୀ ଗମାଙ୍ଗଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ବିଭିନ୍ନ ଦାବି ପୂରଣ ନେଇ ଆସନ୍ତା ୮ତାରିଖରେ ସର୍ବଭାରତୀୟ ଧର୍ମଘଟ ସଫଳ କରିବା ସହ ବିଧାନସଭା ଆଗରେ ଧାରଣା ଦେବା ପାଇଁ ଏହି ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଛି। ମାସିକ ଦରମା ୧୮୦୦୦, ଅବସରକାଳୀନ ପେନସନ ସହ ଅନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ବୈଠକରେ ଦାବି ହୋଇଥିଲା। ବୃନ୍ଦାବନ ବିଡିକା, ସମ୍ବରା ଶବର, ମୁକ୍ତା ଶବର, କରୁଣାଲିମାଙ୍କ ସହ ବହୁ ପାଚିକା ଓ ସହାୟିକା ଏଥିରେ ସାମିଲ ହୋଇଥିଲେ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସାରଦା ମହାକୁଡ଼
ସ୍ଥାନ: ପଥରଗାଡ଼ିଆ, ଭୁବନେଶ୍ୱର
ତୋର ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ତ୍ୟାଗ, ପରୋପକାର ଓ ଅନୁଷ୍ଠାନ ଆମପାଇଁ ପ୍ରେରଣାର ଉତ୍ସ ହେଉ। ଚାହୁଁ ଚାହୁଁ ଏକବର୍ଷ ହୋଇଗଲା। ଏ ତେଲ, ଲୁଣ ସଂସାରରୁ ଚାଲି ଯିବାର କିନ୍ତୁ ଆଜି ବି ସେହି ସ୍ନେହ, ଶ୍ରଦ୍ଧା, ନିଷ୍ଠା, କର୍ତ୍ତବ୍ୟନିଷ୍ଠା ଆମକୁ ଅନୁପ୍ରାଣିତ କରୁ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୭୬୪

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ହାରାମଣୀ ସାହୁ
ରାଣୀପଡ଼ା, ଗୋବିନ୍ଦପୁର, କଟକ
ତିରୋଧାନ: ୧୩।୧୨।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର-ସନାତନ ସାହୁ, ଅକ୍ଷୟ କୁମାର ସାହୁ, ଅନିରୁଦ୍ଧ ସାହୁ, ରମେଶ ଚନ୍ଦ୍ର ସାହୁ, କନ୍ୟା-ଅନ୍ନପୂର୍ଣ୍ଣା ସାହୁ, ଜ୍ୱାଇଁ- ଅଜୟ କୁମାର ସାହୁ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୧୫୮୬୪

ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ଲକ୍ଷ୍ମୀଧର ଦାଶ
ଅବସରପ୍ରାପ୍ତ କୃଷି ଅଧିକାରୀ
ଗୋଳବାଇ, ଖୋର୍ଦ୍ଧା
ଆବିର୍ଭାବ: ୧୧।୦୩।୧୯୪୩
ତିରୋଧାନ: ୧୨।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ:
ଝିଅ-ଜ୍ୱାଇଁ: ଲିଲି ଓ ଦିଲ୍ଲୁ, ବଡ଼ପୁଅ-ବୋହୂ: ସଂଜୀବ ଓ ସଂଗୀତା, ସାନପୁଅ-ବୋହୂ: ମାଧବ-ରାନୀ, ନାତିମାନେ ଓ ନାତୁଣୀ: ହିଲୁ, ସିଲୁ, ସୂର୍ଯ୍ୟ, ସପନି ଓ ବନ୍ଧୁବର୍ଗ ।
ଧ-୬୮୭୩୭

## ସଂକ୍ଷେପରେ



### ୫୪ ଖଣ୍ଡ ଶାଳ କାଠ ଜବତ: ୨ ଗିରଫ

ପାରଳାଖେମୁଣ୍ଡି,୨୨।୧୨(ସ୍ୱ.ପ୍ର.): ଗଜପତି ଜିଲାରୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ମୂଲ୍ୟବାନ କାଠ ଚାଲାଣ ବେଳେ ବନବିଭାଗ ପକ୍ଷରୁ ଗାଡ଼ି ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସୂଚନା ପ୍ରକାରେ, ଶନିବାର ବିଳମ୍ବିତ ରାତିରେ ଗୁମ୍ମା ବ୍ଲକ୍ ଅଧୀନ ତରଭା ଗ୍ରାମରୁ ଏକ ପିକ୍ଅପ୍ ଭ୍ୟାନ୍ ଯୋଗେ ଚୋରା ଶାଳ କାଠ ପଡ଼ୋଶୀ ଆନ୍ଧ୍ରକୁ ଚାଲାଣ କରାଯାଉଥିଲା। ବନ ବିଭାଗ କୌଣସି ସୂତ୍ରରୁ ସୂଚନା ପାଇ ପାର୍ଶମ୍ବା ଗ୍ରାମ ନିକଟରୁ ଭ୍ୟାନଟିକୁ ଜବତ କରିଥିଲା। ଗାଡ଼ିରୁ ୫୪ ଖଣ୍ଡ ଶାଳକାଠ ଜବତ ହୋଇଥିବା କରାଯାଇଥିବାବେଳେ ଘଟଣାରେ ସମ୍ପୃକ୍ତି ଥିବା ନେଇ ଆନ୍ଧ୍ରପ୍ରଦେଶ ମିନିଗାଁ ଅଞ୍ଚଳର ଡି. ବାଲାୟା ଓ ଜି. ଶ୍ରୀନୁଙ୍କୁ ଗିରଫ କରାଯାଇଥିବା ବନବିଭାଗ ସୂଚନା ଦେଇଛି। ଜବତ କାଠର ମୂଲ୍ୟ ପ୍ରାୟ ୭୦ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି।

### ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ କାର୍ଯ୍ୟକାରିଣୀ ବୈଠକ

ନବରଙ୍ଗପୁର/ଡାବୁଗାଁ,୨୨।୧୨ (ବି.ପ୍ର/ଡି.ଏନ.ଏ.): ନବରଙ୍ଗପୁର ଜିଲା ସଦର ମହକୁମାସ୍ଥିତ ନବରଙ୍ଗପୁର ପଞ୍ଚାୟତ ସମିତି ସଭାଗୃହରେ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଜିଲା ଶାଖାର ଏକ କାର୍ଯ୍ୟକାରିଣୀ ବୈଠକ ଜିଲା ସଂଘ ସଭାପତି ଏ.ଡି. ପ୍ରସାଦଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରାଯାଇଥିଲା। କେତେକ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୀର୍ଘ ଦିନ ଧରି ଏଲପିସି ନଆସିବା ଯୋଗୁଁ ଦରମା ପାଇପାରୁ ନଥିବା, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଅଯଥା ନିଲମ୍ବନ କରିବା, ପ୍ରତି ମାସରେ ଦରମା ପାଇପାରୁ ନଥିବା ଭଳି ଅନେକ ସମସ୍ୟା ଓ ସମାଧାନ ପାଇଁ ଆଲୋଚନା କରଯାଇଥିଲା । ଏ ସଂକ୍ରାନ୍ତରେ ଜିଲାପାଳଙ୍କ ନିକଟରେ ଜିଲା ସଂଘ ତରଫରୁ ଲିଖିତ ଅଭିଯୋଗ ଜଣାଇବା ପାଇଁ ସ୍ଥିର କରାଯାଇଥିଲା । ନିଲମ୍ବନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ପୁନଃ ଅବସ୍ଥାପନ ଓ ହ ନିୟମିତ ଦରମା ଦେବା ଆଦି ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା । ଏଥିସହ ନୂତନ ବର୍ଷ ଭେଟ ଘାଟ ପାଇଁ ଜିଲା ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ଏକ ସମାବେଶର ଆୟୋଜନ କରିବାକୁ ମଧ ନିଷ୍ପତ୍ତି ଗ୍ରହଣ କରଯାଇଥିଲା। ଏଥିରେ କେ. ହୃଷିକେଶ, ପ୍ରକାଶ ଚନ୍ଦ୍ର ଘଣ୍ଟ, ଶଙ୍କର ପ୍ରସାଦ ମହାଙ୍କୁଡ, କେ. ମନୋରଞ୍ଜନ ପଟ୍ଟନାୟକ, ଛନ୍ଦା ଚରଣ ବିଶୋୟୀ, ଦୂର୍ଗା ପ୍ରସାଦ ପଟ୍ଟନାୟକ ଓ ଜିଲର ୧୦ଟି ବ୍ଲକର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ସଂଘର ଜିଲା ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ନାୟକ ପରିଚାଳନା କରିଥିଲେ।

■ ଏଏସ୍ଆରୟୁର ରାଜ୍ୟସ୍ତରୀୟ ସାଧାରଣ ପରିଷଦ ବୈଠକ

# ଶ୍ରମିକ ମାରଣ ନୀତି ନେଇ ଆଲୋଚନା

ଜୟପୁର ,୨୨।୧୨ (ଡି.ଏନ.ଏ)



ଏଏସ୍ଆରୟୁ ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

କୋରାପୁଟ ଜିଲା ଜୟପୁରଠାରେ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ସେଲସ ରିପ୍ରେଜେଣ୍ଟିଭ ୟୁନିୟନ(ଏଏସ୍ଆରୟୁ)ର ୧୩ତମ ଦୁଇଦିନିଆ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପଠାରେ ଏହି ବୈଠକ ଆୟୋଜିତ ହୋଇଥିଲା। ରାଜ୍ୟର ସମସ୍ତ ଅଞ୍ଚଳରୁ ଆସିଥିବା ସଂଘର ସଦସ୍ୟମାନେ ଅଗ୍ରସେନ ଭବନଠାରୁ ଏକ ଶୋଭାଯାତ୍ରାରେ ବେଲ ରୋଡ, ଏନକେଟି ରୋଡ, ମେନ୍ ରୋଡ ଦେଇ ସଭାସ୍ଥଳରେ ପହଞ୍ଚିଥିଲେ । ଏଥିରେ ସିଟୁର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ଏବଂ ଏଏସ୍ଆରୟୁର ରାଜ୍ୟ ସଭାପତି ଶୁଭଙ୍କର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ପୁରୁଣା ଚିକିତ୍ସାଳୟ ଛକଠାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ପ୍ରମୋଦ ମହାନ୍ତିଙ୍କ ଆହ୍ୱାନ କ୍ରମେ ସହରର ବିଭିନ୍ନ ଶ୍ରମିକ, କର୍ମଚାରୀ ସଂଘର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଏହି ଦୁଇଦିନିଆ କାର୍ଯ୍ୟକ୍ରମକୁ ସିଟୁର ରାଜ୍ୟ ସଭାପତି ପତି ପତାକା ଉତ୍ତୋଳନ ସହ ଉଦ୍‌ଘାଟନ କରିଥିଲେ । କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ତଥା ପୁଞ୍ଜିପତିମାନଙ୍କ ପ୍ରତି ଅହେତୁକ ଅନୁକମ୍ପାକୁ ସମାଲୋଚନା କରିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କର୍ମଚାରୀଙ୍କ ନିମନ୍ତେ ଭୁଲ ନୀତିକୁ ବିରୋଧ କରାଯାଇ ଆସନ୍ତା ୮ ତାରିଖରେ ୧୨ ଦଫା ଦାବି ନେଇ ସାରା ଦେଶରେ ଧର୍ମଘଟ କରାଯିବ ବୋଲି କହିଥିଲେ । ଏଥିରେ ଏଫ୍ଏମ୍ଆର୍ଏଆଇ ସମ୍ପାଦକ ମନୋଜ ଚୌଧୁରୀ ଉପସ୍ଥିତ ରହି ଔଷଧର ଦରଦାମ ନିୟନ୍ତ୍ରଣ, ଜିଏସ୍‌ଟି ଉଚ୍ଛେଦ ଏବଂ ରାଷ୍ଟ୍ରାୟତ୍ତ କମ୍ପାନୀର ପୁନରୁଦ୍ଧାର ନେଇ ଦାବି କରିଥିଲେ । ଏହି ଅବସରରେ ଏଫ୍ଏମ୍ଆର୍ଏଆଇର ପ୍ରଣବ ରାୟ ଉପସ୍ଥିତ ଥିଲେ। ଏଏସ୍ଆରୟୁର ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ବାର୍ଷିକ ବିବରଣୀ ଓ କୋଷାଧ୍ୟକ୍ଷ ଆଶୁତୋଷ ଦାସ ବାର୍ଷିକ ଖର୍ଚ୍ଚ ପାଠ କରିଥିଲେ ।

# ‘୪୪ ଶ୍ରମିକ ସପକ୍ଷବାଦୀ ଆଇନ ଉଚ୍ଛେଦ ନେଇ ମସୁଧା’

ଜୟପୁର,୨୨।୧୨ (ଡି.ଏନ.ଏ)

କେନ୍ଦ୍ର ସରକାର ୪୪ଟି ଶ୍ରମିକ ସପକ୍ଷବାଦୀ ଆଇନକୁ ଉଚ୍ଛେଦ ନେଇ ମସୁଧା କରୁଛନ୍ତି । ଏଥିସହ ୧୭ଟି ଆଇନର ପରିବର୍ତ୍ତନ ଏବଂ ୨ଟି ଶ୍ରମ ଅଧିନିୟମ ପ୍ରଣୟନ କରିବା ନେଇ ମଧ୍ୟ ମସୁଧା କରୁଛନ୍ତି । କୋରାପୁଟ ଜିଲା ଜୟପୁରଠାରେ ରାଜ୍ୟ ସେଲ୍ସ ରିପ୍ରେଜେଣ୍ଟିଭ ୟୁନିୟନର ଦୁଇଦିନିଆ ରାଜ୍ୟସ୍ତରୀୟ ସାଧାରଣ ପରିଷଦ ବୈଠକରେ ଯୋଗଦେବା ଅବସରରେ ସିଆଇଟିୟୁର ରାଜ୍ୟ କମିଟି ସଭାପତି ଜନାର୍ଦ୍ଦନ ପତି ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି । କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତିକୁ ବିରୋଧ କରିଛନ୍ତି । ସେହିପରି ଅଣକୁଶଳୀ ଶ୍ରମିକଙ୍କ ମାସିକ ୨୧ ହଜାର ଟଙ୍କା ପ୍ରଦାନ, ସ୍ଥାୟୀ କର୍ମଚୀରୀ ନିଯୁକ୍ତି, ଠିକା ବ୍ୟବସ୍ଥାକୁ ଉଚ୍ଛେଦ, ରୁଗଣ ବିଏସ୍ଏନ୍ଏଲ୍‌କୁ ପୁନରୁଦ୍ଧାର, ରାଷ୍ଟ୍ରାୟାତ ଶିଳ୍ପକାରଖାନା ଗୁଡିକକୁ ଘରୋଇକରଣ ବନ୍ଦ କରିବାକୁ ସିଟୁ ପକ୍ଷରୁ ବିରୋଧ କରାଯାଉଛି । ସେହିପରି ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନର ସଦସ୍ୟ ତଥା ବିଭିନ୍ନ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ ଚିକିତ୍ସାଳୟରେ ପ୍ରବେଶ ନିମନ୍ତେ ଅନୁମତି ପ୍ରଦାନ ଓ ସମସ୍ତ ଔଷଧ ଉପରେ ଜିଏସଟି ଉଚ୍ଛେଦ ନେଇ ସେ ଦାବି କରିଛନ୍ତି । ଆଗାମୀ ୮ ତାରିଖରେ ସାରା ଦେଶରେ ବିଭିନ୍ନ ଟ୍ରେଡ ୟୁନିୟନ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନକୁ ସିଟୁ ସମର୍ଥନ ଜଣାଇବା ସହିତ ଏଥିରେ ସାମିଲ ହେବ ବୋଲି ଘୋଷଣା କରିଛନ୍ତି।

# ବୀମା କମ୍ପାନୀ ଖାଉଟି ଫୋରମରେ ଦଣ୍ଡିତ

ଜୟପୁର,୨୨।୧୨ (ଡି.ଏନ.ଏ)

କୋରାପୁଟ ଜିଲା ଜୟପୁରସ୍ଥିତ ଖାଉଟି ଅଦାଲତ ଏକ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଟ୍ରାକ୍ଟରର ମରାମତି ନିମନ୍ତେ ଅର୍ଥ ପ୍ରଦାନ ନେଇ ବୀମା କମ୍ପାନୀକୁ ଦଣ୍ଡିତ କରିଛନ୍ତି। ଏଥିନେଇ କମ୍ପାନୀକୁ ମରାମତି ବାବଦକୁ ଖର୍ଚ୍ଚ ହୋଇଥିବା ଟ୍ରାକ୍ଟର ମାଲିକଙ୍କୁ ୨ ଲକ୍ଷ ୧ ହଜାର ୨୯୯ ଟଙ୍କା ପ୍ରଦାନ କରିବା ସହିତ ୨୦୧୭ ଅକ୍ଟୋବର ୧୭ ତାରିଖଠାରୁ ମାମଲା ରୁଜୁ ପର୍ଯ୍ୟନ୍ତ ଅଦ୍ୟାବଧି ବାର୍ଷିକ ୧୨ ପ୍ରତିଶତ ସୁଧ ଏବଂ ମାମଲା ପରିଚାଳନା ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ୩୦ ଦିନ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଖାଉଟି ଫୋରମର ଦୁଇଜଣିଆ ସଦସ୍ୟ ଏହି ମାମଲାର ଶୁଣାଣି କରି ସମ୍ପୃକ୍ତ ଘରୋଇ ବୀମା କମ୍ପାନୀ (ଇଫକୋ –ଟୋକିଓ)କୁ ଦଣ୍ଡିତ କରିଛନ୍ତି । ମାଲକାନଗିରି ଜିଲାର ଶିଖପାଲି କଲୋନୀର ଶ୍ୟାମ ଖିଲଙ୍କ ଟ୍ରାକ୍ଟର ଚାଷ କାର୍ଯ୍ୟ ସାରି ଫେରୁଥିବା ବେଳେ ୨୦୧୫ ଅଗଷ୍ଟ ୧ ତାରିଖରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଏଥିନେଇ ଟ୍ରାକ୍ଟର ମାଲିକ ଜୟପୁର ବୀମା କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାଇଥିଲେ । କମ୍ପାନୀର ସର୍ଭେୟରର ପହଞ୍ଚି ଏହାର ତଦନ୍ତ କରିଥିଲେ। କିନ୍ତୁ କମ୍ପାନୀ ପକ୍ଷରୁ ଡ୍ରାଇଭର ଲାଇସେନ୍ସ ଏବଂ ରୁଟ୍ ପରମିଟ୍ ଦର୍ଶାଇ ମରାମତି ଟଙ୍କା ପ୍ରଦାନ ଆବେଦନକୁ ଖାରଜ କରିଥିଲେ । ଏଥିନେଇ ଟ୍ରାକ୍ଟର ମାଲିକ ଖାଉଟି ଫୋରମର ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାର ଶୁଣାଣି ଖାଉଟି ଫୋରମର କାର୍ଯ୍ୟକାରୀ ସଭାପତି ନିବେଦିତା ରଥ ଏବଂ ସଦସ୍ୟ ଜ୍ୟୋତିରଞ୍ଜନ ପୂଜାରୀ କରିଥିଲେ ।

# ଜୀବନ ଯନ୍ତ୍ରଣାରେ ଆଉଟୁପାଉଟୁ ମନୋଜ

ଦଶମନ୍ତପୁର,୨୨।୧୨(ଡି.ଏନ୍.ଏ.)



ମା'ଙ୍କ ସହ ମନୋଜ ।

ବାଇଶ ବର୍ଷର ଭେଣ୍ଡାପୁଅ କିଡ୍‌ନୀ ରୋଗରେ ପଡ଼ିଛି। ଡାକ୍ତର କହୁଛନ୍ତି, ପୁଅକୁ ବ୍ରହ୍ମପୁର ନିଅ। କିନ୍ତୁ ଚିକିତ୍ସା ପାଇଁ ପାଖରେ ପଇସା ନାହିଁ। ସରକାରୀ ଭତ୍ତା ଓ ଚାଉଳରେ ଚଳୁଥିବା ଗୋଟିଏ ପରିବାର ବଡ଼ମେଡିକାଲର ଚିକିତ୍ସା ଖର୍ଚ୍ଚ କିପରି ବହନ କରିପାରିବ, ବିଶୋଇ ପରିବାର ପାଇଁ ତାହା ସବୁଠୁ ବଡ଼ ପ୍ରଶ୍ନ।

ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ପଞ୍ଚାୟତ କାଳିଆମ୍ବ ଗ୍ରାମର ବାସିନ୍ଦା ବିଶୋଇ ପରିବାର। ଘରର ସାନପୁଅ ମନୋଜ ବିଶୋଇ (୨୨) କିଡ୍‌ନୀ ରୋଗରେ ପୀଡ଼ିତ ଥାଇ ଏବେ ଜୀବନ ସହ ସଂଘର୍ଷ କରୁଛନ୍ତି। ମଝିଆ ଭାଇ ଗୋବର୍ଦ୍ଧନଙ୍କ କହିବାନୁସାରେ ମନୋଜଙ୍କୁ ଗୋଟେ ମାସ ଧରି କାଶ ହେଉଥିଲା। ବାପାଙ୍କ ମୃତ୍ୟୁ ପରେ ମା'ଙ୍କୁ ନିଜ ସ୍ୱାସ୍ଥ୍ୟକଥା ଜଣାଇ ଦୁଃଖୀ ନ କରିବା ପାଇଁ ସେ ଏହାକୁ ଲୁଚାଇ ରଖିଥିଲେ। କିନ୍ତୁ ପରେ କାଶ ଭୀଷଣ ହେବାରୁ ମା' ଦୁର୍ଲଭା ତାଙ୍କୁ କୋରାପୁଟ ଜିଲା ଚିକିତ୍ସାକେନ୍ଦ୍ରକୁ ନେଇଥିଲେ। ସେଠାରେ ମନୋଜଙ୍କୁ କିଡ୍‌ନୀ ରୋଗ ହୋଇଥିବା ଜଣାପଡ଼ିଥିଲା। ସେହିଦିନରୁ ପରିବାର ଲୋକେ ଭାଙ୍ଗିପଡ଼ିଥିଲେ। ପାଖରେ ଅର୍ଥ ନ ଥିବାରୁ ପ୍ରାୟ ଦୁଇମାସ ବିତିଯାଇଥିଲା। ପରେ ମାଲକାନଗିରି ଜିଲା ଚିକିତ୍ସାକେନ୍ଦ୍ରରେ ମନୋଜଙ୍କୁ ଭର୍ତ୍ତି କରାଇ ଚିକିତ୍ସା କରାଯାଇଥିଲା। ସେ ଗୁରୁତର ଅବସ୍ଥାରେ ଥିବାବେଳେ ମାଉସୀ ରେବତୀ ସାହୁ ତାଙ୍କ ପାଖରେ ରହି ସେବା ଶୁଶ୍ରୂଷା କରୁଥିଲେ। ଏବେ ପୁଣି ମନୋଜଙ୍କୁ ବ୍ରହ୍ମପୁର ଚିକିତ୍ସାକେନ୍ଦ୍ରକୁ ସ୍ଥାନାନ୍ତର କରିବା ପାଇଁ ତାଙ୍କୁ ପରାମର୍ଶ ଦିଆଯାଇଥିବା ପରିବାର ଲୋକେ ଜଣାଇଛନ୍ତି। ମା' ପାଉଥିବା ମାସିକ ଭତ୍ତା ଓ ଚାଉଳରେ ଗୁଜୁରାଣ ମେଣ୍ଟାଉଥିବା ବେଳେ ସେମାନେ କିପରି ମନୋଜଙ୍କୁ ବ୍ରହ୍ମପୁର ମେଡିକାଲ ନେବେ, ସେହି ଚିନ୍ତାରେ ପୂରା ପରିବାର ଥିବା ଭାଇ ଗୋବର୍ଦ୍ଧନ ପ୍ରକାଶ କରିଛନ୍ତି। ପ୍ରଶାସନ ଆର୍ଥିକ ସହାୟତା ଦେବା ପାଇଁ ପରିବାର ଲୋକେ ନିବେଦନ କରିଛନ୍ତି।

# ପିଲାଙ୍କ ପାଇଁ ଗୁରୁପ୍ରିୟା ଜାହାଜ



ଚିତ୍ରକୋଣ୍ଡା,୨୨।୧୨(ଡି.ଏନ.ଏ.)

ଟେମ୍ପରାରି କଲୋନୀ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କ ପାଇଁ ପାଣି ଜାହାଜର ଚିତ୍ର ଅଙ୍କାଯିବା ସହ ଜାତୀୟ ଗଣିତ ଦିବସ ପାଳନ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ଜଳପଥରେ ଗମନାଗମନ ସମ୍ପର୍କରେ ଧାରଣା ଦେବାପାଇଁ ପାଣି ଭିତରେ ଜାହାଜ ଚିତ୍ର ବିଦ୍ୟାଳୟ କାନ୍ଥରେ ଅଙ୍କାଯାଇଛି। ଏହାର ନାମକରଣ କରାଯାଇଛି ଗୁରୁପ୍ରିୟା ଜାହାଜ। ପୂର୍ବରୁ ମାଲକାନଗିରିର ଚାଲାଣଗୁଡା କେଜିଭିପି ବିଦ୍ୟାଳୟରେ କେବଳ ଟ୍ରେନ ଓ ସାଂସଦ ଭବନ ଚିତ୍ର ପ୍ରଦର୍ଶନ କରାଯାଇଥିବା ବେଳେ ଚିତ୍ରକୋଣ୍ଡା ଟେମ୍ପରାରି କଲୋନୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ କରି ପିଲାଙ୍କ ଜ୍ଞାନ ବୃଦ୍ଧି ପାଇଁ ଏହି ଚିତ୍ର ଅଙ୍କାଯାଇଥିବା ଜଣାପଡିଛି। ବିଦ୍ୟାଳୟରେ ପ୍ରଥମ କରି ଏପରି ଚିତ୍ର ଅଙ୍କାଯାଇ ପିଲାଙ୍କ ଜାଣିବା ପାଇଁ ପ୍ରଦର୍ଶନ କରାଯାଇଛି। ଏଥିସହିତ ଗ୍ରହ ନକ୍ଷତ୍ରମାନଙ୍କର ଗତି,ଚଳନ ସମ୍ପର୍କରେ ମଧ ଚିତ୍ର ଅଙ୍କା ଯିବା ସହ ପାଣି ଭିତରେ ମାଛର ଚିତ୍ର କରାଯାଇ ବିଦ୍ୟାଳୟକୁ ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ରୂପ ଦେବାକୁ ଉଦ୍ୟମ ହୋଇଛି, ଯାହା ଛାତ୍ରୀଛାତ୍ର, ଅଭିଭାବକ, ସ୍ଥାନୀୟ ଜନସାଧାରଣ ଙ୍କୁ ଆକୃଷ୍ଟ କରିଛି। ଏଭଳି ଅଭିନବ ଚିନ୍ତାଧାରାକୁ ସ୍ଥାନୀୟ ଜନସାଧାରଣ ଓ ଅଭିଭାବକ ପ୍ରଶଂସା କରିଛନ୍ତି। ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସେଠୀ, ସହକାରୀ ଶିକ୍ଷୟିତ୍ରୀ ରିତା ମହାରଣା, ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ, ଉଲ୍ଲାସ ଓଝା, ପୁଷ୍ପାଞ୍ଜଳି ପାତ୍ର ଓ ଗୀତାଞ୍ଜଳି ବାରିକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

■ ଆଧାର କାର୍ଡ ସାଜିଛି ବାଧକ

# ସରକାରୀ ସୁବିଧାରୁ ବଞ୍ଚିତ ପଦ୍ମା

ଜୟପୁର ୨୨।୧୨(ନି.ପ୍ର)



ଜୟପୁର ବ୍ଲକ ଅନ୍ତର୍ଗତ ବାର୍ଲାହାଣ୍ଡିରେ ରୁହନ୍ତି ପଦ୍ମା ବିଷୋଇ(୧୫) । ତାଙ୍କ ହାତରେ ଆଙ୍ଗୁଠି ଅଛି ସତ, ହେଲେ ସବୁ କାମ କରୁନି । ଫଳରେ ଆଧାରକାର୍ଡ଼ କରି ପାରୁନାହାନ୍ତି । ବାରମ୍ବାର ବିଭିନ୍ନ ସ୍ଥାନକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି, ହେଲେ କିଛି ସୁଫଳ ମିଳୁନି । କାରଣ ବାୟୋମେଟ୍ରିକ୍ ଡିଭାଇସରେ ଆଙ୍ଗୁଠି ଛାପ ଆସି ପାରୁନି। ଏଥିଲାଗି ଦିବ୍ୟାଙ୍ଗଙ୍କ ପାଇଁ ଥିବା ସବୁ ସରକାରୀ ଯୋଜନାରୁ ସେ ବଞ୍ଚିତ ହୋଇଛନ୍ତି । ସବୁଠୁ ନିରାଶ ହେବା ପରେ ଭଙ୍ଗା କୁଡିଆରେ ବାପା,ମା' ଙ୍କ ସହ ପଦ୍ମାଙ୍କ ୬ ଭାଇ ଭଉଣୀ ରହୁଛନ୍ତି। ଆଧାର କାର୍ଡ଼ ନ ଥିବାରୁ ତାଙ୍କ ଯନ୍ତ୍ରଣା ଦ୍ୱିଗୁଣିତ କରିଛି। ଏମିତି କି ବ୍ୟାଙ୍କରେ ଏକ ଆକାଉଣ୍ଟ ମଧ୍ୟ ଖୋଲି ପାରୁନାହାନ୍ତି। ରାଶନ କାର୍ଡ ମଧ୍ୟ ମିଳିନାହିଁ ତାଙ୍କ ପରିବାରକୁ । କେବଳ ଦିବ୍ୟାଙ୍ଗ ଭତ୍ତା ମାସକୁ ୭ ଶହ ଟଙ୍କା ଛାଡି ଦେଲେ ଆଉ ସମସ୍ତ ସରକାରୀ ଯୋଜନାରୁ ସେ ବଞ୍ଚିତ। ଜନ୍ମରୁ ଦିବ୍ୟାଙ୍ଗ ଥିବା ପଦ୍ମା ମାଙ୍କ ସହାୟତାରେ ୫ ଶ୍ରେଣୀ ଯାଏ ପଢିଛନ୍ତି। କିନ୍ତୁ ଏବେ ସେ ଅସହାୟ। ସ୍କୁଲ କୁ ଯିବା ଆଉ ସମ୍ଭବ ନ ହେବାରୁ ଅଧାରୁ ପାଠ ଛାଡିଛନ୍ତି । ତାଙ୍କର ୨ ଭଉଣୀ ଓ ମାଆ ଛୋଟିଆ ଚା ଦୋକାନ କରିଛନ୍ତି। ସେଥିରୁ ଯାହା ମିଳେ ପରିବାର ଚଳେ। ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ପଦ୍ମାଙ୍କ ଯନ୍ତ୍ରଣା ଏବେ ଚିନ୍ତାର ବିଷୟ ହୋଇଛି।

# ଉନ୍ମୋଚନ ହେଲା ନୂତନ ଆଲବମ ସୁନାରି ଫୁଲ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଦଶମନ୍ତପୁର,୨୨।୧୨ ( ଡି.ଏନ.ଏ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ପ୍ରଥମ କରି ଏକ ଆଲବମ ସୁନାରି ଫୁଲ ଉନ୍ମୋଚନ ହୋଇଛି । ଏହି କାର୍ଯ୍ୟକ୍ରମ ଆଲବମ ଆୟୋଜକ ତପନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବେଣୁଧର ପାତ୍ର, ସେକେଣ୍ଡ ଅଫିସର ମାନସ ରଞ୍ଜନ ଭୋଇ, ରମେଶ ନାୟକ, ଏଏସଆଇ ବାବୁଲା ପ୍ରଧାନ, ଅଧ୍ୟାପକ ପର୍ଶୁରାମ ସାହୁ, ସମିତି ସଭ୍ୟ ରାଜେନ୍ଦ୍ର ହୁଇକା, ବିଜେଡ଼ି ସମ୍ପାଦକ ସୁରେଶ ସୁବୁଦ୍ଧି, ଶୈଳେସ. ଏସ., ଜିଆର୍ଏସ ଭୁବନ ନାୟକ, ପଦ୍ମନ ସଗର ଅତିଥି ଭାବେ ଯୋଗ ଦେଇଥିଲେ। ସେମାନଙ୍କ ସମେତ ଅଞ୍ଚଳର ଶତାଧିକ ଅଞ୍ଚଳବାସୀ ଯୋଗ ଦେଇଥିଲେ। ଏହି ଆଲବମରେ ଗାୟକ ଚନ୍ଦ୍ରଗୋଙ୍ଗ ବିଶୋଇ ଥିବା ବେଳେ ପ୍ରଶାନ୍ତ କୁମାର ପାଲକା ନିର୍ଦ୍ଦେଶନା ଦେଇଛନ୍ତି । କଇନ ଗରଡ଼ା ଓ ମୁନା ଗରଡ଼ା କ୍ୟାମେରାମ୍ୟାନ ରହିଛନ୍ତି।


ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଏସକେସିଜି କଲେଜ୍ ଛାତ୍ରୀଛାତ୍ର ଓ ଅଧ୍ୟାପକ।

■ ଭୂଗୋଳ ବିଭାଗର ଆନ୍ତର୍ଜାତିକ ଆଲୋଚନାଚକ୍ର

# ଅନୁଭୂତି ସାଉଁଟିଲେ ଏସ୍‌କେସିଜି କଲେଜର ଛାତ୍ରୀଛାତ୍ର

ପାରଳାଖେମୁଣ୍ଡି,୨୨।୧୨(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଏସ୍‌କେସିଜି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଭୂଗୋଳ ବିଭାଗର ୯ ଛାତ୍ରୀଛାତ୍ର ବ୍ରହ୍ମପୁର ସ୍ଥିତ ଖଲିକୋଟ ବଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରି ଫେରିଛନ୍ତି। ଏହି ଆଲୋଚନା ଚକ୍ରରେ ମୁଖ୍ୟତଃ 'ଗ୍ରହଣ କୁଞ୍ଜି ଏବଂ ପୃଥ୍ୱୀ' ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମୁଖ୍ୟବକ୍ତା ଭାବେ ନାଶାର ବୈଜ୍ଞାନିକ ଡ. କୈଳାଶ ଚନ୍ଦ୍ର ସାହୁ ଓ ଅନ୍ୟତମ ଅତିଥି ଆମେରିକା ସ୍ଥିତ ଜର୍ଜିଆ ବିଶ୍ୱବିଦ୍ୟାଳୟର ପ୍ରଧାପକ ଡ. ଦୀପକ ମିଶ୍ର ଯୋଗଦେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ । ଖଲିକୋଟ ସ୍ଥିତ ପ୍ରାକୃତିକ ସମ୍ବଳ ବିନିଯୋଗ ଜିଓ ଇନଫର୍ମେଟିକ୍ସର ବିଭାଗୀୟ ମୁଖ୍ୟ ଡ. ମନୋରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏସ୍‌କେସିଜି କଲେଜର ୯ ଛାତ୍ରୀଛାତ୍ର କଲେଜର ଭୂଗୋଳ ବିଭାଗ ମୁଖ୍ୟ ପ୍ରଧାପକ ଇନ୍ଦୁଭୂଷଣ ସାହୁ ଏବଂ ଅଧାପକ ତୈଲୋଚନ ବେହେରାଙ୍କ ପ୍ରେରଣାରେ ଅନୁପ୍ରାଣୀତ ହୋଇ ଆଲୋଚନାଚକ୍ରରେ ଯୋଗ ଦେଇଥିଲେ। ଏଥିରେ ଛାତ୍ରୀଛାତ୍ର ନିଜ ଅନୁଭୂତି ସାଉଁଟିଥିଲେ। ବିଭାଗର ସହ ସମ୍ପାଦିକା ରୁପାଲିନ୍ ବେହେରା, ରାବଡ଼ିଦେବୀ ଲିମା ଏବଂ ଅଭିଶେକ୍ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସୁସ୍ଥ ସମାଜ ପାଇଁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଜରୁରୀ

ପାରଳାଖେମୁଣ୍ଡି,୨୨।୧୨(ସ୍ୱ.ପ୍ର.)

**ଚାଇଲ୍ଡଲାଇନ୍ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ**


ଜିଲାପାଳ ଏବଂ ଜିଲା ଦୌରାଜଜ୍ ସବୁଜ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ଚାଇଲ୍ଡଲାଇନ୍ ପକ୍ଷରୁ ଶିଶୁମାନଙ୍କ ଅଧିକାରକୁ ନେଇ ରବିବାର ସ୍ଥାନୀୟ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା ତଥା ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍କୁଲ୍ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଚାଇଲ୍ଡଲାଇନ୍‌ର ନିର୍ଦ୍ଦେଶକ ସୁଧୀର୍ ସାବତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଅନୁପମ ଶାହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏକ ସୁସ୍ଥ ଓ ସ୍ୱଚ୍ଛ ସମାଜ ଗଠନ ପାଇଁ ଏବଂ ଶିଶୁମାନେ ସେମାନଙ୍କର ଅଧିକାର ପାଇବା ପାଇଁ ଏଭଳି ସ୍ୱଚ୍ଛତା ଅଭିଯାନ ଜରୁରୀ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ଜଜ୍ ବିଶ୍ୱଜିତ୍ ଦାସ ଯୋଗଦେଇ ଶିଶୁମାନଙ୍କ ଦ୍ୱାରା ହିଁ ସ୍ୱଚ୍ଛତା ଅଭିଯାନ ଲୋକଙ୍କ ନିକଟରେ ପହଞ୍ଚିପାରିବ, ସେମାନେ ଜାଗ୍ରତ ହେଲେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ସ୍କୁଲ୍ ପରିସରରୁ ଏକ ସଚେତନତା ପଦଯାତ୍ରା ବାହାରିଥିଲା। ଜିଲାପାଳ ଓ ଜିଲା ଦୌରା ଜଜ୍ ମିଳିତ ଭାବେ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ସହରର ପ୍ରିୟଦର୍ଶନୀ ପବ୍ଲିକ୍ ସ୍କୁଲ, ମହାରାଜା ବାଳକ ଉଚ୍ଚ ବାଦ୍ୟାଳୟ, ବିକାଶ ବିଦ୍ୟା ନିକେତନ ଆଦି ବିଭିନ୍ନ ବିଦ୍ୟାଳୟର ବିଦ୍ୟାର୍ଥୀ ଯୋଗଦେଇ ସଚେତନତା ପ୍ଲାକାର୍ଡ ସହ ସହର ପରିକ୍ରମା କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ସିଡବ୍ଲ୍ୟୁସି ଅଧକ୍ଷ ପ୍ରମୋଦ କୁମାର ରାଉଳ, ଚାଇଲ୍ଡଲାଇନ୍ ସଂଯୋଜକ ନାଗେଶ୍ୱର ଚୌଧୁରୀ, ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ବୃଷକେତୁ ଦାସ, ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡର ସଦସ୍ୟା ଭାଗ୍ୟଲକ୍ଷ୍ମୀ ନାୟକ, ଅନିତା ମିଶ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ବରିଷ୍ଠ କଳାକାର ସଂଘ ଗଠିତ

# କଳା, ସଂସ୍କୃତିର ସୁରକ୍ଷା ନେଇ ଆଲୋଚନା

ପାରଳାଖେମୁଣ୍ଡି,୨୨।୧୨(ସ୍ୱ.ପ୍ର.)

ଗଜପତି ଜିଲାର କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ବରିଷ୍ଠ କଳାକାର ସଂଘ ଗଠିତ ହୋଇଛି। ପାରଳାଖେମୁଣ୍ଡିସ୍ଥିତ ବଡ଼ ରାଧାକାନ୍ତ ମଠ ପରିସରରେ ରବିବାର ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ଶତାଧିକ ବରିଷ୍ଠ କଳାକାର ଯୋଗଦେଇ ଜିଲାରେ କଳା ସଂସ୍କୃତିର କିପରି ସୁରକ୍ଷା ହୋଇପାରିବ ଏବଂ ଅଧିକ ଉନ୍ନତି କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଗଜପତି ଜିଲା ସଙ୍ଗୀତ, ନାଟକ, ଲୋକନୃତ୍ୟ ଆଦି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ରାଜ୍ୟ ଓ ରାଜ୍ୟ ବାହାରେ ଏହି ଜିଲାର ବହୁ କଳାକାର ନିଜର କଳା ପ୍ରଦର୍ଶନ କରି ଗୌରବ ଅର୍ଜନ କରିଛନ୍ତି। ସେହି କଳା ସଂସ୍କୃତିର ସୁରକ୍ଷା ପାଇଁ ଏହି କଳାକାର ସଂଘ ଗଠନ କରାଯାଇଥିବା କୁହାଯାଇଛି। ସଂଘର ଜିଲା ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଭାବେ ବଟକୃଷ୍ଣ ପାତ୍ର, ସମ୍ପାଦକ ଭାବେ ମନୋଜ ପାଢ଼ୀ, ଉପ ସଭାପତି ଭାବେ ଭରତ ଭୂଷଣ ମହାନ୍ତି ଓ ନୃସିଂହାନନ୍ଦ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଭାବେ ଆଦର୍ଶ ଦାସ ଓ ଏମ. ପୃଥ୍ୱୀରାଜ, କୋଷାଧ୍ୟକ୍ଷ ଭାବେ ଶୁଭ୍ରାଂଶୁ ପଟ୍ଟନାୟକ ମନୋନୀତ ହୋଇଛନ୍ତି ।


ବୈଠକରେ କଳାକାରମାନେ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ନାବାଳିକା ଗଣବଳାତ୍କାର ଓ ହତ୍ୟା ଘଟଣା

## ପୀଡିତାଙ୍କ ପରିବାରକୁ ଭେଟିଲେ ଜିଲା ମହିଳା କଂଗ୍ରେସ

**ନବରଙ୍ଗପୁର,୨୨।୧୨(ବି.ପ୍ର.)-** କୋଷାଗୁମୁଡା ବ୍ଲକ ବାମୁଣି ପଞ୍ଚାୟତର ଜଣେ ନାବାଳିକାକୁ ଗଣ ବଳତ୍କାର ଓ ହତ୍ୟା ଘଟଣାର ୧୦ ବିତି ଯାଇଥିଲେ ମଧ ଅଭିଯୁକ୍ତକୁ ଏଯାଏ ପୋଲିସର ଗିରଫ କରିପାରିଲା ନାହିଁ। ବାରମ୍ବାର ପରିବାର ଲୋକଙ୍କୁ ଡାକି ପୋଲିସ ହଇରାଣ କରୁଛି ବୋଲି ଜିଲା କଂଗ୍ରେସ ସଭାନେତ୍ରୀ ପି. ନାଗରତ୍ନମ୍ମା ଉଦବେଗ ପ୍ରକାଶ କରିଛନ୍ତି। ଏନେଇ ମହିଳା କଂଗ୍ରେସର ଏକ ଦଳ ନାବାଳିକାଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଘଟିଥିବା ଘଟଣା ସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲା ସଭାନେତ୍ରୀ ନାଗରତ୍ନମ୍ମାଙ୍କ ସମେତ ମହିଳା କଂଗ୍ରେସର ପ୍ରଭାତି ତ୍ରିପାଠୀ, ପ୍ରଣତି ତ୍ରିପାଠୀ ଓ ମିସ୍ ବୁଲବୁଲ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଆସନ୍ତା ୨୬ ତାରିଖରେ କଂଗ୍ରେସର ନବରଙ୍ଗପୁର ଜିଲା ବନ୍ଦରେ ଉକ୍ତ ପରିବାରକୁ ସହଯୋଗ କରିବାକୁ ମହିଳାକଂଗ୍ରେସ ଅନୁରୋଧ କରିଥିଲା।

### ଜସ୍ନେ ଗୌସୁଲ ଆଜମ ସମ୍ମିଳନୀ

## ‘ଶିକ୍ଷା ହିଁ ବିକାଶର ଚାବିକାଠି’

**ଉମରକୋଟ, ୨୨।୧୨ (ଡି.ଏନ୍.ଏ.)** ନବରଙ୍ଗପୁର ଜିଲା ଉମରକୋଟଠାରେ ଅଞ୍ଜୁମନ ଇସ୍‌ଲାମିୟା ସୁନ୍ନୀ ମୁସଲିମ୍ କମିଟି ଆନୁକୂଲ୍ୟରେ ତାଲିମାତେ ଜସ୍ନେ ଗୌସୁଲ ଆଜମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଞ୍ଜୁମନ ଇସ୍‌ଲାମିୟା କମିଟିର ସଭାପତି ଖାଲିଦ ତନବିର ଜିଲାନୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପ୍ରବଚକ ସୟଦ ଅମିନୁଲ କାଦରୀ ଯୋଗ ଦେଇଥିଲେ। ଶିକ୍ଷା ଗ୍ରହଣକୁ ସେ ଗୁରୁତ୍ୱ ଦେବା ସହ ଶିକ୍ଷା ହିଁ ବିକାଶର ଚାବିକାଠି ବୋଲି କହିଥିଲେ। ସମସ୍ତ ପିତା ମାତା ନିଜ ନିଜ ପୁଅ ଝିଅଙ୍କୁ ଶିକ୍ଷାଦାନ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ ମହାପୁରୁଷ ସୟଦ ଅବଦୁଲ କାଦିର ଜିଲାନୀଙ୍କ ଜୀବନ ଉପରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପଦେଶ ଦେଇଥିଲେ। ପବିତ୍ର କୋରାନରେ ମାଆଙ୍କୁ ଗୁରୁତ୍ୱ ଦିଆଯାଇଥିବା ସହ ମାଆ ଓ ବାପାଙ୍କ ସେବା ସ୍ୱର୍ଗ ପ୍ରାପ୍ତିର ଏକମାତ୍ର ମାଧ୍ୟମ ବୋଲି କହିଥିଲେ। ଏହି ଅବସରରେ ଉମରକୋଟ ମୁସଲିମ୍ କମିଟି ତରଫରୁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଏବଂ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ସଭାପତି ଖାଲିଦ୍ ତନବୀର ଜିଲାନୀ, ଉପସଭାପତି ନାସିର ସୁଫି, ଶେଖ୍ ସଲିମ୍, ଅଲି ଲାଠିଆ, ସମ୍ପାଦକ ଉମର ହିଙ୍ଗୋରା, ମୌଲାନା ନଜିମ ଅହମ୍ମଦ ବରକାତି, ଇବ୍ରାହିମ ରାଠୋର, ସଲିମ୍ ରାଠୋର, ୟୁନୁସ ମାଲକାନି, ହନିଫ ହିଙ୍ଗୋର, ଓାହାବ ଲାଠିଆ, ଇଶା ଲାଠିଆ, ମହମ୍ମଦ ଗୁଲାମ, ଏମ୍‌ଡି ସଲମାନ୍, ଜିସାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଧର୍ମସଭାରେ ଉମରକୋଟ ସମେତ ଅବିଭକ୍ତ କୋରାପୁଟ ଜିଲା, ପଡୋଶୀ କଳାହାଣ୍ଡି, ନୂଆପଡା ଏବଂ ସୀମାନ୍ତ ଛତିଶଗଡ ଅଞ୍ଚଳରୁ ହଜାର ହଜାର ମୁସଲିମ୍ ଧର୍ମାବଲମ୍ବୀ ଯୋଗ ଦେଇଥିଲେ।

# ନବରଙ୍ଗପୁରରୁ ବାଲି ଚାଲାଣ ହେଉଛି ଆନ୍ଧ୍ର

**ନବରଙ୍ଗପୁର,୨୨।୧୨(ବି.ପ୍ର.)**


ବାଲିଘାଟରେ ଆନ୍ଧ୍ର ଟ୍ରକ।


ମେଶିନ ସାହାଯ୍ୟରେ ବାଲି ଉଠାଯାଉଛି।

- ଜିଲାସ୍ତରୀୟ ଅଧିକାରୀ, ରାଜସ୍ୱ ଅଧିକାରୀଙ୍କ ନିଘାନାହିଁ
- ଓଡିଶା କ୍ଷତି ସହୁଛି, ବ୍ୟବସାୟୀ ଓ କେତେକ ଅଧିକାରୀ ମାଲାମାଲ
- ଦୈନିକ କୋଷାଗୁମୁଡା ବ୍ଲକ ବାଲିଘାଟରେ ଲାଗୁଛି ଆନ୍ଧ୍ରର ୨୫ରୁ ଊର୍ଦ୍ଧ୍ୱ ଟ୍ରକ
- ଦୁଇ ଗୁଣ ଟଙ୍କା ଦେଇ ସ୍ଥାନୀୟ ଲୋକ ବାଲି କିଣୁଛନ୍ତି

ନବରଙ୍ଗପୁରରୁ ଆନ୍ଧ୍ର ସିଧାସଳଖ ଟ୍ରକରେ ବାଲି ଚାଲାଣ ହେଉଛି। ବ୍ୟବସାୟୀ ଅତି ଚତୁରତାର ସହ ଏହି ଚାଲାଣ ପାଇଁ ବ୍ୟବସ୍ଥା କରିଚାଲିଛନ୍ତି। ସେମାନଙ୍କୁ ସହାୟତା କରୁଛନ୍ତି ନବରଙ୍ଗପୁର ଓ କୋରାପୁଟ ଜିଲାର କେତେକ ରାଜସ୍ୱ ଓ ପୋଲିସ ଅଧିକାରୀ। ଏଥିଯୋଗୁ ରାଜ୍ୟ ସରକାର କ୍ଷତି ସହୁଛନ୍ତି। ଆଉ ମାଲାମାଲ ହେଉଛନ୍ତି ବ୍ୟବସାୟୀ ଓ ଅଧିକାରୀ। ଅନ୍ୟପକ୍ଷରେ ବାଲିଘାଟରେ ଶ୍ରମିକଙ୍କୁ କାମ ଯୋଗାଇ ଦିଆଯାଉ ନାହିଁ। ମେସିନ ମାଧ୍ୟମରେ ନଦୀରୁ ବାଲି ଉଠାଇବା ସରକାରୀ ନିୟମ ନାହିଁ। କିନ୍ତୁ ମେସିନ ମାଧ୍ୟମରେ ଟ୍ରକ ଗୁଡିକରେ ବାଲିବୋଝେଇ କରାଯାଉଛି। ଏମଜିଏନଆରଇଜିଏସ ଯୋଜନାକୁ ସଫଳ କରିବା ପାଇଁ ବିଭିନ୍ନ ବାଲିଘାଟରେ ଶ୍ରମିକମାନେ କାମ କରିବେ ଓ ରୋଜଗାର ପାଇବେ ବୋଲି ସରକାରୀ ଆଶା ମଉଳି ଯାଇଛି। ଶ୍ରମିକ ଏଠାରେ କାମଧନ୍ଦା ନପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅଧୀନ ମାଲେଆଟିଗାଁ ବାଲିଘାଟରେ ଏହିଭଳି ଅନିୟମିତତା ଦେଖାଦେଇଛି।

ପ୍ରତ୍ୟେକ ଦିନ ଉକ୍ତ ବାଲିଘାଟରୁ ୨୦ରୁ ୨୫ଟି ଆନ୍ଧ୍ର ପଞ୍ଜିକୃତ ନମ୍ବର ଟ୍ରକ ଗୁଡିକରେ ବାଲି ବୋଝେଇ ହୋଇ ଆନ୍ଧ୍ରକୁ ଯାଉଛି। ଘାଟ ନିଲାମରେ ପାଇଥିବା ମାଲିକ ରୟାଲିଟି କାଟୁଛନ୍ତି। ସୁନାବେଡା, ସେମିଳିଗୁଡା ପର୍ଯ୍ୟନ୍ତ ବାଲି ବୋଝେଇ ଟ୍ରକ ଯିବା ପାଇଁ ଅନୁମତି ପତ୍ର ପାଉଛନ୍ତି। ଓଡିଶା ସୀମା ସୁଙ୍କିରେ କେତେକ ପୋଲିସ ଓ ଅଧିକାରୀଙ୍କ ମୁଲଚାଲରେ ଆନ୍ଧ୍ରପ୍ରଦେଶ ବାଲି ଚାଲାଣ ହେଉଛି। ଯେଉଁ ବାଲି ଘାଟରେ ମେସିନ ଲଗାଇ ଟ୍ରକରେ ବାହାରକୁ ବାଲି ଚାଲାଣ ହେଉଛି ସେଠାରେ ଟ୍ରାକ୍ଟରରେ ବାଲି ଉଠାଇବାକୁ ଦିଆଯାଉ ନାହିଁ। ଗୋଟିଏ ଟ୍ରାକ୍ଟର ବାଲି ଗତ ଦିନରେ ୮ଶହ ଟଙ୍କା ରହିଥିବା ବେଳେ ଏବେ ଏଭଳି ପରିସ୍ଥିତି ଲାଗି ଦୁଇ ଗୁଣରୁ ଅଧିକ ଟଙ୍କା ଦେଇ ଲୋକେ କିଣିବାକୁ ବାଧ ହେଉଛନ୍ତି। ଅନ୍ୟ ପକ୍ଷେ ଆବାସ ଯୋଜନାରେ ଘର ତିଆରି କରିବା ଲୋକମାନେ ଖର୍ଚ୍ଚାନ୍ତ ହେଉଛନ୍ତି। ସରକାର ଯେଉଁ ଅନୁଦାନ ଘର ତିଆରି କରିବାକୁ ଯୋଗାଉଛନ୍ତି ସେଥିରେ ଅଧିକ ଖର୍ଚ୍ଚ ଲାଗି ଘର ଗୁଡିକ ନିର୍ମାଣରେ ବିଳମ୍ବ ଘଟୁଛି।

ନବରଙ୍ଗପୁର ଜିଲାରେ ମେସିନରେ ବାଲି ବୋଝେଇ ଓ ବେଆଇନ ବାଲି ଚାଲାଣ କଥା ନେଇ କୌଣସି ରାଜସ୍ୱ ଅଧିକାରୀଙ୍କୁ ସୂଚନା ଦେଲେ ଅଭିଯୋଗ ଶୁଣୁଛନ୍ତି କିନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ସେହିଭଳି ସଂପୃକ୍ତ ଥାନାକୁ ସୂଚନା ଦେଲେ ତାହା ରାଜସ୍ୱ ବିଭାଗର କାମ ଆମକୁ ମୁଣ୍ଡବ୍ୟଥା କାହିଁକି ବୋଲି ଉତ୍ତର ମିଳୁଛି। ବାରମ୍ବାର ଅଭିଯୋଗ ହେଲେ ଟ୍ରକରେ ବୋଝେଇ ଚାଲାଣକୁ ନରୋକି ଘର, ସହର, ଗାଁକୁ ବା ଅନ୍ୟ ଠିକା କାମ ପାଇଁ ଅଣାଯାଉଥିବା ବାଲି ବୋଝେଇ ଟ୍ରାକ୍ଟର ଗୁଡିକ ଧରି ସେମାନଙ୍କ ଠାରୁ ୨୨ରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ ଆଦାୟ କରୁଛନ୍ତି। ଜିଲା ସ୍ତରୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ସୁଫଳ ମିଳୁନାହିଁ। ଏନେଇ ରାଜ୍ୟ ସରକାର ବାଲିଚାଲାଣ ପ୍ରତି ଗୁରୁତ୍ୱ ଦେବାକୁ ଦାବୀ ହେଉଛି। ନଚେତ ରାଜ୍ୟ ସରକାର ରାଜସ୍ୱ ହରାଉଥିବେ। କିଛି ଲୋକ ମୁନାଫା ଅର୍ଜନ କରି ଚାଲିଥିବେ।

### ସଡକ ସୁରକ୍ଷା ସଚେତନତା ପାଇଁ ପଥପ୍ରାନ୍ତ ନାଟକ

## ଜୀବନ ନୁହେଁ ଖେଳଘର

**ରାଇଘର,୨୨।୧୨(ଡି.ଏନ.ଏ)–** ସ୍ଥାନୀୟ ପଞ୍ଚାୟତ ସମିତି ମୁଖ୍ୟ କାର୍ଯ୍ୟାଳୟଠାରେ ପୋଲିସ ପ୍ରଶାସନ ପକ୍ଷରୁ ସଡକ ସୁରକ୍ଷା ସଚେତନତା ପାଇଁ ପଥପ୍ରାନ୍ତ ନାଟକ ଜୀବନ ନୁହେଁ ଖେଳଘର ମଞ୍ଚସ୍ଥ ହୋଇଛି। ଏହାକୁ ଥାନା ଅଧିକାରୀ ସରିତା ମହାପାତ୍ର ଉଦଘାଟନ କରିଥିବା ବେଳେ ଅତିଥି ଭାବେ ପୋଲିସ ଅଫିସର ରାମଚନ୍ଦ୍ର ଅଗସ୍ତି ଯୋଗ ଦେଇଥିଲେ। ଏହି ନାଟକକୁ ରଚନା କରିଥିଲେ ଶିକ୍ଷକ ଅଭିରାମ ଲେଙ୍କା ଏବଂ ନିର୍ଦ୍ଦେଶନା ଦେଇଥିଲେ ଅଧ୍ୟାପକ ପରୀକ୍ଷିତ ସାହୁ। ଏଥିରେ ସୁପ୍ରିୟା ମହାପାତ୍ର, ଅଶୋକ ପ୍ରଧାନ, ରୋଶନ ବରାଳ, ଧନଞ୍ଜୟ ମଲ, କେଶବ ପଟ୍ଟନାୟକ, ହିମାଂଶୁ ଦାସ, ବିଚିତ୍ର ସାମନ୍ତରାୟ ଅଭିନୟ କରିଥିଲେ। ହେଲମେଟ ପିନ୍ଧିବା, ମୋବାଇଲରେ କଥା ହୋଇ ଗାଡି ନ ଚଳାଇବା, ଗାଡିର କାଗଜପତ୍ର ଠିକ ରଖିବା ସଚେତନତାର ବାର୍ତ୍ତା ଅଭିନୟ ମାଧ୍ୟମରେ ଦେଇଥିଲେ। ଏହି ନାଟକରେ କିରଣ କୁମାର ମହାପାତ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ନାଟକ ମଞ୍ଚସ୍ଥ ସମୟରେ ଲୋକମାନେ ଏହାକୁ ମନଭରି ଉପଭୋଗ କରିଥିଲେ।


କଳାକାରଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

## ଜାତୀୟ ସେବା ଯୋଜନା ଶିବିର ଉଦଘାଟିତ

**କୋଡିଙ୍ଗା,୨୨।୧୨(ଡି.ଏନ.ଏ.)**

ନବରଙ୍ଗପୁର ଜିଲା କୋଡିଙ୍ଗା ରାଜଚାଉଁରିଆ ଯୁକ୍ତ ୨ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନାର ୭ଦିନିଆ ଶିବିର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୋଡିଙ୍ଗା ତହସିଲଦାର ସବ୍ୟସାଚୀ ଜେନା, ସମ୍ମାନିତ ଅତିଥି କୋଡିଙ୍ଗା ସରପଞ୍ଚ ଉମାଏ ଭତ୍ରା ଏବଂ ମୁଖ୍ୟବକ୍ତା ସାମାଜିକ କର୍ମୀ କୁଞ୍ଜବିହାରୀ ଦାସ ଯୋଗ ଦେଇଥିଲେ। ଛାତ୍ରଜୀବନରେ କିପରି ସେବାକୁ ଜୀବନର ବ୍ରତ କଲେ ଜୀବନ ଉଚ୍ଚକୋଟିର କରି ଗଢି ତୋଳି ହେବ ସେ ବିଷୟରେ ଅତିଥିମାନେ ସୂଚନା ଦେଇଥିଲେ। ଜାତୀୟ ସେବା ଯୋଜନାର ଅବକାରୀ ଅଧ୍ୟାପକ ରବିନାରାୟଣ ପାଣିଗ୍ରାହୀ ଶିବିରର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ବିଷୟରେ ସୂଚନା ଦେଇଥିଲେ। ଜାତୀୟ ସେବା ଯୋଜନାର ପୋଷ୍ୟଗ୍ରାମ ଭାବେ କୋଡିଙ୍ଗା ନିକଟସ୍ଥ ରାବଣାଗୁଡାକୁ ନିଆଯାଇଛି। ଏହି ଗ୍ରାମକୁ ସାମାଜିକ ସଚେତନତା ଏବଂ ଅନେକ ପ୍ରକାର ସେବା କାର୍ଯ୍ୟ କରାଯିବା ସାଙ୍ଗକୁ କୋଡିଙ୍ଗାରେ ମଧ ଅନେକ କାର୍ଯ୍ୟକ୍ରମ ୭ଦିନ ମଧରେ କରାଯିବାର କାର୍ଯ୍ୟକ୍ରମ ରହିଥିବା ଅଧିକାରୀମାନେ କହିଥିଲେ। ମହାବିଦ୍ୟାଳୟର ଉପାଧକ୍ଷ ବିବେକ ମହାଳିକ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ଅଖିଳ କୁମାର ଭଟ୍ଟ ଧନ୍ୟବାଦ ଅର୍ପଣ କରିଥିଲେ।



ଏନଏସଏସ ଶିବିରାର୍ଥୀମାନେ।

### ■ ରାଜ୍ୟସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତା

## ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

**ଡାବୁଗାଁ,୨୨।୧୨(ଡି.ଏନ.ଏ.)–**

ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ରାଜ୍ୟ ସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି। ଜିଲା ତରଫରୁ୬ଟିବିଭାଗରେ ଭାଗ ନେଇ ୪ଟିବିଭାଗରେ କୃତିତ୍ୱ ଅର୍ଜନ କରିଛନ୍ତି। ତର୍କ ପ୍ରତିଯୋଗିତାରେ ଅମିତା ଭତ୍ରା (୧ମ), ଭାଷଣ ପ୍ରତିଯୋଗିତାରେ ଅମିତା ଭତ୍ରା (୩ୟ), ଏକକ ଅଭିନୟରେ ଅଞ୍ଜଳି ଜାନୀ (୨ୟ) ଓ ଦଳଗତ ନୃତ୍ୟରେ ଛାତ୍ରୀ ମାନେ (୩ୟ) ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତ। ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ପୁରସ୍କୃତ ହୋଇଛି। ଶିକ୍ଷୟିତ୍ରୀ ରଶ୍ମିରାଣୀ ପଣ୍ଡା ବିଭାଗୀୟ ଶାସନ ସଚିବ ରଞ୍ଜନା ଚୋପ୍ରାଙ୍କ ଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ପ୍ରଧାନଶିକ୍ଷକ, ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ, ପରିଚାଳନା କମିଟି ସଭ୍ୟାସଭ୍ୟ ଓ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଅତିଥିଙ୍କ ସହ କୃତୀ ଛାତ୍ରୀମାନେ।

## ଛାତରୁ ଖସି ଘର ମାଲିକଙ୍କ ମୃତ୍ୟୁ

**ଦାରିଙ୍ଗବାଡି,୨୨।୧୨(ଡି.ଏନ୍.ଏ.)** – ଦାରିଙ୍ଗବାଡି ଥାନା ନିଳକନ୍ଦର ସାହିରେ ଘର ମରାମତି କାମ ଚାଲିଥିବାବେଳେ ଘର ମାଲିକ ଛାତ ଉପରେ ଚଢି ପାଣି ପକାଉଥିବା ବେଳେ ଖସି ପଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ବିଶ୍ୱନାଥ ପାଢି (୪୫)। ପ୍ରକାଶ ଯେ, ବିଶ୍ୱନାଥ ଓରଫ କୁନା ପୂର୍ବାହ୍ନ ପ୍ରାୟ ୧୦ଟାରେ ମରାମତି ଘର ଛାତ ଉପରେ ଚଢି ପାଣି ପକାଉଥିବାବେଳେ ଗୋଡ ଖସି ତଳେ ପଡିଯାଇଥିଲେ। ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାସହ ପୋଲିସକୁ ଖବର ଦେଇଥିଲେ।

### ■ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ

## ଲୋକନୃତ୍ୟରେ କୋଡିଙ୍ଗା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରଥମ

**କୋଡିଙ୍ଗା,୨୨।୧୨(ଡି.ଏନ.ଏ.)–**

ନବରଙ୍ଗପୁର ଜିଲା କୋଡିଙ୍ଗା ସରକାରୀ ଏସଏସଡି ହାଇସ୍କୁଲର ଛାତ୍ରୀମାନେ ଭଦ୍ରକଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ୨୦୧୯ରେ ଭାଗ ନେଇ ଲୋକନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କୋଡିଙ୍ଗା ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟ ୧୦ ଛାତ୍ରୀ ଲୋକନୃତ୍ୟରେ ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଏହି ଛାତ୍ରୀମାନେ ଲୋକନୃତ୍ୟ ଢେମସା ପରିବେଷଣ କରିଥିଲେ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସିଲଡ, ମାନପତ୍ର ଏବଂ ୧୦ହଜାର ଟଙ୍କା ନଗଦ ରାଶି ପୁରସ୍କାର ଭାବେ ଦିଆଯାଇଥିଲା। ଏହି ଛାତ୍ରୀମାନେ ନବରଙ୍ଗପୁର ପହଞ୍ଚିବା ପରେ ଜିଲାପାଳ ଅଜିତ କୁମାର ଦାସ ଛାତ୍ରୀ ଏବଂ ଶିକ୍ଷକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଶିକ୍ଷକଏବଂ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଛାତ୍ରୀମାନେ କୋଡିଙ୍ଗା ପହଞ୍ଚିବା ପରେ ଗ୍ରାମବାସୀ ଏବଂ ପ୍ରଧାନଶିକ୍ଷକ ପଙ୍କଜ ଚୌଧୁରୀ ଶୁଭେଚ୍ଛା ଜଣାଇଥିଲେ।


କୃତୀ ଛାତ୍ରୀମାନଙ୍କୁ ଜିଲାପାଳ ଶୁଭେଚ୍ଛା ଜଣାଉଛନ୍ତି।

# ତୁମ୍ଭଲା ଧାନ ମଣ୍ଡିରେ ଅବ୍ୟବସ୍ଥା

**ନବରଙ୍ଗପୁର,୨୨।୧୨(ବି.ପ୍ର.)–**


ମଣ୍ଡିରେ ଗଦା ହୋଇଥିବା ଧାନ।

- ଅଭିଯୋଗ ପ୍ରତି ମଣ୍ଡି ପରିଚାଳନା କମିଟି ଗୁରୁତ୍ୱ ଦେଉନି
- ବ୍ୟବସାୟୀ ଓ ଲ୍ୟାମ୍ପସ କର୍ମଚାରୀଙ୍କ ମଧରେ ଚାଲିଛି ସଲାସୁତୁରା

ଧାନ ମଣ୍ଡି ପାଇଁ ସରକାରଙ୍କ ନିୟମ ରହିଛି। କିନ୍ତୁ ତାହା ଠିକ ଭାବେ ପାଳନ ହେଉନି। ଚଳିତ ବର୍ଷ ମଣ୍ଡି ଗୁଡିକରେ ଏହା ଦେଖା ଦେଉଛି। ପାପଡାହାଣ୍ଡି ବ୍ଲକ ମୈଦଲପୁର ଲ୍ୟାମ୍ପ ଅଧିନରେ ତୁମ୍ଭଲା ଠାରେ ଚାଲିଥିବା ଧାନ ମଣ୍ଡିରେ ଏଭଳି ବ୍ୟତିକ୍ରମ ଘଟୁଛି। ଏଆରସିଏସ, ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ବୁଧବାର ମଧ୍ୟାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ଲ୍ୟାମ୍ପ କର୍ମଚାରୀ ମଣ୍ଡିରେ ପହଞ୍ଚିନଥିଲେ। କିନ୍ତୁ ମଣ୍ଡିରୁ ୨୫୫ ପ୍ୟାକେଟ ଧାନ ଟ୍ରକରେ ବୋଝେଇ ହୋଇ ସାରିଥିଲା। ଶୁକ୍ରବାର ମଧ୍ୟାହ୍ନ ଗୋଟାଏ ୩୦ ପର୍ଯ୍ୟନ୍ତ ଧାନ ମଣ୍ଡି ଆରମ୍ଭ ହୋଇନଥିଲା ଚାଷୀ ଧାନ ଆଣି ମଣ୍ଡିରେ ହଟହଟା ହେବାକୁ ପଡିଥିଲା। ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ପାପଡାହାଣ୍ଡି ତହସିଲଦାର ମଣ୍ଡିକୁ ପହଞ୍ଚି ତାଗିଦ କରିବା ପରେ ଧାନ କିଣା ଆରମ୍ଭ ହୋଇଥିଲା। ତେବେ ଚାଷୀଙ୍କ ଧାନର ଆଦ୍ରତା ଯାଞ୍ଚ କରାଯାନଯାଇ ସିଧାସଳଖ ପ୍ରତି କୁଇଣ୍ଟାଲ ପିଛା ୪ କିଲୋ ଧାନ କାଟ କରି ଲ୍ୟାମ୍ପ କର୍ମଚାରୀ କିଣୁଛନ୍ତିବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି। ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ଶ୍ରମ ପ୍ରାପ୍ୟ ଦିଆଯାଉ ନାହିଁ। ଏନେଇ ଶ୍ରମିକ ମାନେ ମଧ ଲ୍ୟାମ୍ପ ଏମଡିଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଆରଏମସି ପକ୍ଷରୁ ଚାଷୀଙ୍କ ପାଇଁ ଚେୟାର, ପିଇବା ପାଣି, ଲାଇଟ, ତାର୍ପୋଲିନ, ଧାନ ଓଜନ ମେସିନ, ଆଦ୍ରତା ଯାଞ୍ଚ ମେସିନ ସୁବିଧା ଯୋଗାଇବା ସହ ସିସି କ୍ୟାମେରା ଲଗାଯିବ ବୋଲି ମଧ ଜିଲା ସ୍ତରୀୟ ଧାନ କିଣା ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ ମଧ ବ୍ୟତିକ୍ରମ ଦେଖା ଦେଇଛି। ମଣ୍ଡିରେ ଲ୍ୟାମ୍ପ ଏମଡିଙ୍କ ଦେଖା ମିଳୁନାହିଁ। ଚାଷୀ ଭୋକ ଉପାସରେ ମଣ୍ଡିରେ ଧାନ ଆଣି ଜଗି ରହୁଛନ୍ତି। ବିଳମ୍ବରେ ଧାନ କିଣା ଆରମ୍ଭ କଲେ ଚାଷୀ ଦିନ ତମାମ ଜଗିବା ଅପେକ୍ଷା କିଭଳି ଧାନ ଦେଇ ଚାଲିଯିବ ସେହି ପରିସ୍ଥିତି ମଣ୍ଡିରେ ସୃଷ୍ଟି କରାଯାଉଛି। ଅନଲାଇନରେ ଟୋକନ ବାହାରିବା ପରେ ଚାଷୀଙ୍କ ଆଖି ସ୍କାନ ହେବ ଓ ଧାନ କେଉଁମିଲକୁ ପ୍ରଦାନ କରାଯିବ, ଟ୍ରକ ନମ୍ବର ଲ୍ୟାମ୍ପ ପକ୍ଷରୁ ଚାଷୀଙ୍କୁ ଦର୍ଶାଯିବ। ତାହା ଏହି ମଣ୍ଡରେ ହୋଇ ପାରୁ ନାହିଁ। ଟୋକନ ବାହାରିବା ମାତ୍ରେ ଚାଷୀଙ୍କ ଧାନ ସିଧାସଳଖ ମିଲମାନଙ୍କୁ ପଠାଇ ଦିଆଯାଉଛି। ପରେ ଚାଷୀଙ୍କ ଆଖି ସ୍କାନ କରାଯାଉଛି। କେବଳ ଏକ ଟ୍ରକର ନମ୍ବର ପ୍ରଦାନ କରାଯାଉଛି। ବ୍ୟସାୟୀଙ୍କ ସହ ଲ୍ୟାମ୍ପସ କର୍ମଚାରୀଙ୍କ ହାତ ରହିଥିବା ଲାଗି ମଣ୍ଡିରେ ଧାନ ଆଣି ପ୍ରକୃତ ଚାଷୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ମଣ୍ଡିରେ ଲାଗିଥିବା ସିସି କ୍ୟାମେରାକୁ ଯାଞ୍ଚ କରାଗଲେ ଚାଷୀ ଉପକୃତ ହେବା ସହ କେଉଁଠିକିଏ କିଭଳି ବ୍ୟତିକ୍ରମ ଘଟାଉଛନ୍ତି ତାହା ଧରାପଡନ୍ତା ବୋଲି କ୍ଷୁଦ୍ର ଓ ମଧ୍ୟମ ଚାଷୀ କହୁଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ